# ଛତିଶଗଡ଼ରେ ପଙ୍ଗପାଳ, ଓଡ଼ିଶା ଚାଷୀ ଆତଙ୍କିତ



**ଭୁବନେଶ୍ୱର,୧୬/ଏନ୍‌ଏନ୍‌ଏସ୍:**

ଓଡ଼ିଶା ପ୍ରତି ବଢ଼ିଛି ପଙ୍ଗପାଳ ଭୟ । ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଜଙ୍ଗଲରେ ପଙ୍ଗପାଳ ଦଳ ଆସି ପହଞ୍ଚିଲେଣି । ଫଳରେ ପଶ୍ଚିମ ଓଡ଼ିଶାର ସୀମାନ୍ତ ଜିଲ୍ଲାରେ ଚାଷୀଙ୍କ ମନରେ ଛନକା ପଶିଛି । ଛତିଶଗଡ଼ର କୋରିଆ ଓ ଭରତପୁର ଜଙ୍ଗଲରେ ଏମାନଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି । ପଶ୍ଚିମ ଓଡ଼ିଶାର ବରଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ମାଲକାନଗିର, କଳାହାଣ୍ଡି ଓ ନୂଆପଡ଼ା ଆଦି ଜିଲ୍ଲାରେ ପଙ୍ଗପାଳ ଉପଦ୍ରବ କରିପାରନ୍ତି ବୋଲି ଅନୁମାନ କରାଯାଉଛି । ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ଏହି ଅନୁମାନ କରିଛି । ଏପରି ସ୍ଥିତିରେ ଚାଷୀଙ୍କୁ ସତର୍କତା ଓ ପଙ୍ଗପାଳ ନିପାତ ପାଇଁ ରାଜ୍ୟ ସରକାର ରଣକୌଶଳ ପ୍ରସ୍ତୁତ କରିଛନ୍ତି । ବର୍ତ୍ତମାନ ପରିସ୍ଥିତିରେ ପବନର ବେଗ ଯେଉଁ ଦିଗକୁ ବହୁଛି, ସେହି ଦିଗକୁ ପଙ୍ଗପାଳ ଦଳ ଅଗ୍ରସର ହେବାରେ ଲାଗିଲେଣ । ସେମାନେ ବର୍ତ୍ତମାନ ଛତିଶଗଡ଼ ଦେଇ ମଧ୍ୟପ୍ରଦେଶ ଆଡ଼କୁ ଅଗ୍ରସର ହେବାରେ ଲାଗିଥିବା ସୂଚନା ମିଳିଛି । ବର୍ତ୍ତମାନ ପରିସ୍ଥିତିରେ ପବନର ଦିଗ ଓଡ଼ିଶା ଆଡ଼କୁ ବଢ଼ିବାର ସମ୍ଭାବନା ରହିଛି । ତେଣୁ ପଙ୍ଗପାଳ ଦଳ ବର୍ତ୍ତମାନ ସ୍ଥିତିରେ ପ୍ରଥମେ ସୀମାନ୍ତ ଜିଲ୍ଲା ମାଲକାନଗିରି ଓ କଳାହାଣ୍ଡି ଜିଲ୍ଲାକୁ ଆସିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ଆଜି ପଙ୍ଗପାଳ ମୁକାବିଲା ନେଇ କୃଷି ଭବନରେ ସମୀକ୍ଷା ବୈଠକ ବସିଥିଲା । କୃଷି ବିଭାଗର ସ୍ୱତନ୍ତ୍ର ସଚିବ ପଙ୍ଗପାଳ ମୁକାବିଲା ପାଇଁ ନିୟମାବଳୀ ଜାରି କରିଛନ୍ତି । ଏଥିପାଇଁ ପ୍ରତ୍ୟେକ ଜିଲ୍ଲାରେ କଣ୍ଟ୍ରୋଲ ରୁମ୍ ଖୋଲିବା ବ୍ୟବସ୍ଥା ହୋଇଛି । ସଚେତନ ପାଇଁ କ୍ଷେତ୍ର

▶▶ ୭

## ଝାରସୁଗୁଡ଼ାଠାରୁ ୩୦୦ କିମି ଦୂରରେ

**ଝାରସୁଗୁଡା, ଭବାନୀପାଟଣା, ନବରଙ୍ଗପୁର:** ଝାରସୁଗୁଡ଼ାରୁ ମାତ୍ର ୩୦୦ କିମି ଦୂରରେ ପଙ୍ଗପାଳ ପହଞ୍ଚି ସାରିଲେଣି । ରାଜସ୍ଥାନରୁ ଆସୁଥିବା ଏହି ଝିଣ୍ଟିକା ଜାତୀୟ କୀଟ ମଧ୍ୟପ୍ରଦେଶ ଦେଇ ଛତିଶଗଡ଼ର କୋରିଆ ଜିଲ୍ଲା ଅନ୍ତର୍ଗତ ଭରତପୁରକୁ ଆସି ଗଲେଣି । ଝାରସୁଗୁଡ଼ା ଜିଲ୍ଲାର ସୀମାନ୍ତରୁ ଭରତପୁରର ଦୂରତା ପ୍ରାୟ ୩୦୦ କିଲୋମିଟର । ଏହି ପଙ୍ଗପାଳମାନେ ଦୈନିକ ପ୍ରାୟ ୧୩୦ରୁ ୧୬୦ କିଲୋମିଟର ବେଗରେ ଯାତ୍ରା କରୁଛନ୍ତି । ବେଗ ସମାନ ରହିଲେ ଏବଂ ଅନୁକୂଳ ଦିଗରେ ପବନ ବହିଲେ ଏହି କୀଟମାନେ ୩ ଦିନରେ ଝାରସୁଗୁଡ଼ା ଜିଲ୍ଲାରେ ପହଞ୍ଚି ପାରିବେ । ତେବେ ମୌସୁମୀ କାରଣରୁ ପବନର ଦିଗ ପ୍ରତିକୂଳ ରହିଲେ ସେମାନଙ୍କୁ ଝାରସୁଗୁଡ଼ାରେ ପହଞ୍ଚିବାକୁ ଅଧିକ ସମୟ ଲାଗିପାରେ । ତଥାପି ପଙ୍ଗପାଳ ଝାରସୁଗୁଡ଼ା ଜିଲ୍ଲା ନିକଟବର୍ତ୍ତୀ ହୋଇଥିବାରୁ ଚାଷୀଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି । ପଙ୍ଗପାଳମାନେ କୋଟି କୋଟି ସଂଖ୍ୟାରେ ଆସୁଥିବାରୁ ଧାନ, ପନିପରିବା, ଗଛର ପତ୍ର ଖାଇ ସମ୍ପୂର୍ଣ୍ଣ ନଷ୍ଟ କରିଦିଅନ୍ତି । ଅନ୍ୟପଟେ ପଙ୍ଗପାଳ ଆକ୍ରମଣର ମୁକାବିଲା ପାଇଁ କି

▶▶ ୭

ନିତିଦିନ NITIDIN Tue, Jun 2, 2020
http://odishanewsnitidin.com